# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 July - 2024

### News Editor : Itishree Singh Rathaur

**************************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କଲେ ବାଚସ୍ପତି

— ଆଗାମୀ ଦିନରେ ରାଜ୍ୟରେ ୩ ହଜାର ଡାକ୍ତର ପଦବୀ ପୂରଣ ହେବ; ଗୃହରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ

- ପୁରୀରେ ରତ୍ନଭଣ୍ଡାର ସ୍ୱତନ୍ତ୍ର ତଦାରଖ କମିଟି ବୈଠକ ଅନୁଷ୍ଠିତ

- ବ୍ୟାଘ୍ର ସଂରକ୍ଷଣ ଉଦ୍ଦେଶ୍ୟରେ ଦେଶବ୍ୟାପୀ ପାଳନ କରାଯାଉଛି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି; ଘଡଘଡି ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲା ସତର୍କ ସୂଚନା

## ବିଧାନସଭା-୧

ସପ୍ତଦଶ ବିଧାନସଭାର ଆଜି ଷଷ୍ଠ ଦିବସରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ବାଚସ୍ପତି ସୁରମା ପାଢ଼ୀ ମୁଲତବୀ ଘୋଷଣା କରିଛନ୍ତି। ବିଧାନସଭା ଅଧିବେଶନ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବାହାରେ ରାଜ୍ୟରେ ଅଗ୍ନିବୀରମାନଙ୍କୁ ସଂରକ୍ଷଣ ସମ୍ପର୍କିତ ଘୋଷଣା ବିଧାନସଭାର ମର୍ଯ୍ୟାଦା ହାନୀ କରିଥିବା ବିରୋଧି କଂଗ୍ରେସ ପକ୍ଷରୁ  ଅଭିଯୋଗ କରାଯାଇଥିଲା। ଏ ନେଇ ଶୂନ୍ୟକାଳରେ କଂଗ୍ରେସ ଦଳ ପକ୍ଷରୁ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଗତ କରାଯିବା ସହ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଏବଂ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ବିଭିନ୍ନ ସ୍ଲୋଗାନ ଦେବା ସହ ହଟ୍ଟଗୋଳ କରିଥିଲେ। ବିରୋଧି ବିଜେଡି ମଧ୍ୟ ଏହି ପ୍ରସଙ୍ଗକୁ ସମର୍ଥନ ଜଣାଇ ଉଦ୍‌ବେଗ ପ୍ରକାଶ କରିଥିଲା। ବିଜେଡ଼ି ବିଧାୟକ ଗଣେଶ୍ୱର ବେହେରା ଏହି ପ୍ରସଙ୍ଗରେ ସ୍ୱାଧୀକାର ଭଙ୍ଗ ନୋଟିସ୍ ଗ୍ରହଣ ପାଇଁ ଦାବୀ କରିଥିଲେ।

ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ପ୍ରତିବାଦ ଜାରି ରଖିବା ଫଳରେ ପ୍ରଥମେ ଗୃହକୁ ଅଳ୍ପ ସମୟ ପାଇଁ ମୁଲତବୀ ରଖାଯାଇଥିଲା। ପରେ ବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

## ବିଧାନସଭା-୨

ବିଧାନସଭାରେ ଆଜି ପ୍ରଶ୍ନୋତ୍ତର କାଳରେ ରାଜ୍ୟରେ ରାଷ୍ଟ୍ରାୟତ୍ତ, ଘରୋଇ ଓ ସମବାୟ ବ୍ୟାଙ୍କ ଜମାରଣ ଅନୁପାତ ୬୦ ପ୍ରତିଶତ ଧାର୍ଯ୍ୟ କରାଯାଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ବିଧାୟକ ବିଭୂତି ଭୂଷଣ ବଳବନ୍ତ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଥିଲେ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ନିର୍ଦ୍ଦେଶାବଳୀ ଅନୁସାରେ, ୨୦୨୪ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଜମାରଣ ପରିମାଣ ୭ ଦଶମିକ ୬ ପ୍ରତିଶତ ରହିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଜମାରଣ ଅନୁପାତ ୬୮ ପ୍ରତିଶତ ରହିଥିବାବେଳେ ଘରୋଇ ବ୍ୟାଙ୍କର ଜମାରଣ ଅନୁପାତ ୭୮ ଦଶମିକ ୪/୮ ପ୍ରତିଶତ ଏବଂ ସମବାୟ ବ୍ୟାଙ୍କର ଜମାରଣ ଅନୁପାତ ୧୨୪ ଦଶମିକ ୨୬ ପ୍ରତିଶତ ରହିଛି ବୋଲି ସେ କହିଛନ୍ତି। ରାଜ୍ୟର କୃଷକମାନଙ୍କ ସ୍ୱାର୍ଥ ପାଇଁ ଋଣ ପ୍ରଦାନ ବ୍ୟବସ୍ଥାକୁ ସୁଗମ କରୁଥିବା ଯୋଗୁଁ ଏହି ବ୍ୟାଙ୍କକୁ ସୁଦୃଢ଼ କରିବା ଦିଗରେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ଡାକ୍ତର ଅଭାବ ନେଇ ଆଜି ବିଧାନସଭାରେ ଦଳମତ ନିର୍ବିଶେଷରେ ବହୁ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ।

ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଖାଲି ପଡିଥିବା ପଦବୀ ପୂରଣ ଦିଗରେ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଆଗାମୀ ଦିନରେ ୩ ହଜାର ଡାକ୍ତର ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଗୃହକୁ ଜଣାଇଥିଲେ।

## ରତ୍ନଭଣ୍ଡାର ବୈଠକ

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ୱତନ୍ତ୍ର ତଦାରଖ କମିଟି ବୈଠକ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଓ ୧୫ ଜଣିଆ ଉଚ୍ଚସ୍ତରୀୟ କମିଟି ମଧ୍ୟରେ ରତ୍ନଭଣ୍ଡାର ସ୍ଥିତି ଓ ସ୍ଥାୟୀତ୍ୱ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ବୈଠକ ପରେ ଜଷ୍ଟିସ ବିଶ୍ୱନାଥ ରଥ ପ୍ରଥମେ ରତ୍ନଭଣ୍ଡାର ଭିତରେ ଥିବା ଖାଲି ଆଲମିରା କଢ଼ାଯିବା ନେଇ ସୂଚନା ଦେଇଛନ୍ତି। ମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ଗୃହ ନିର୍ଦ୍ଧାରଣ କରାଯାଇଛି। ଆବଶ୍ୟକ ପଡିଲେ ଖାଲି ଆଲମିରାଗୁଡ଼ିକର ମରାମତି ହେବ ବୋଲି ସେ କହିଛନ୍ତି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ।

## ଦାୟିତ୍ୱ ବଣ୍ଟନ

ରାଜ୍ୟ ସରକାର ୬ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଗୃହ, ଅର୍ଥ, ସାଧାରଣ ପ୍ରଶାସନ, ଶିଳ୍ପ, ଆଇନ୍, ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ

ବ୍ୟକ୍ତିଗତ ସଚିବ ଅରିନ୍ଦମ ଡାକୁଆଙ୍କୁ ଜଙ୍ଗଲ ଓ ପରିବେଶ, ପୂର୍ତ୍ତ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଅନୁପମ ଶାହାଙ୍କୁ ରାଜସ୍ୱ, ସୂଚନା ଓ ଲୋକସମ୍ପର୍କ ଓ ବିଦ୍ୟାଳୟ ଓଗଣଶିକ୍ଷା ଆଦି ବିଭାଗର ଦାୟିତ୍ୱ ଦିଆଯାଇଛି। ଓଏଏସ୍ ଅଧିକାରୀ ପ୍ରସନ୍ନ ଷଡ଼ଙ୍ଗୀ, ଚିତ୍ରସେନ ରାଉତ, ଉମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି।

## ଆଇନମନ୍ତ୍ରୀ

ବିକଶିତ ଓଡ଼ିଶା ଓ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ଇଞ୍ଜିନିୟରଙ୍କ ଦକ୍ଷତାର ସଠିକ୍ ଉପଯୋଗର ଆବଶ୍ୟକତା ରହିଛି ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ମୁଖପତ୍ର **ଟେକ୍ନୋସ୍କ୍ରାଇବ୍**ର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ଶ୍ରୀ ହରିଚନ୍ଦନ ଏହା କହିଛନ୍ତି । କୋଠାବାଡ଼ି, ରାସ୍ତା ଏବଂ ସେତୁ ନିର୍ମାଣ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ ।

## ବ୍ୟାଘ୍ର ଦିବସ

ବ୍ୟାଘ୍ର ସଂରକ୍ଷଣକୁ ଗୁରୁତ୍ୱ ପ୍ରଦାନ କରି ଦେଶବ୍ୟାପୀ ଆଜି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ପାଳନ କରାଯାଉଛି। ପରିବେଶ ସନ୍ତୁଳନ

ଦିଗରେ ବ୍ୟାଘ୍ର ସଂରକ୍ଷଣର ଆବଶ୍ୟକତା ନେଇ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ ଆଜି ନୂଆଦିଲ୍ଲୀରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷର ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ଅବସରରେ ସେ ବ୍ୟାଘ୍ର ସଂରକ୍ଷଣ ପାଇଁ ସ୍ୱଦେଶୀ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ବ୍ୟାଘ୍ର ଦିବସ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ବାଘ ମାନଙ୍କର ସଂରକ୍ଷଣ ଦିଗରେ ଅଧିକ ସଚେତନତା ସୃଷ୍ଟି କରିବା ଏବଂ ବାଘମାନଙ୍କ ପାଇଁ ନିରାପଦ ବାସସ୍ଥାନ ସୁନିଶ୍ଚିତ କରିବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି।

ରାଜ୍ୟରେ ବାଘ ବଂଶ ବୃଦ୍ଧି କରିବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରୁ ବାଘୁଣୀ ସହ ୫ଟି ମହାବଳ ବାଘ ଅଣାଯିବାକୁ ବ୍ୟବସ୍ଥା କରାଯାଇଛି । ସେହି ବାଘଗୁଡ଼ିକୁ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଶିମିଳିପାଳରେ ଛଡ଼ାଯିବ । ଏଥିପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ, କେନ୍ଦ୍ର ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ମଂଜୁରୀ ମିଳିସାରିଛି ବୋଲି ବନ ବିଭାଗ ସୂଚନା ଦେଇଛି ।

# କଳାବାଘ

ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ନିକଟ ମଂଚିଆପଡାରେ  ପ୍ରତିଷ୍ଠା ହେବାକୁ ଥିବା କଳାବାଘ ସଫାରୀ ପାଇଁ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ପୂର୍ବରୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଥିଲେ। ଏହି ବାଘ ସଫାରୀରେ ପ୍ରଥମ ପର୍ଯ୍ୟାୟରେ ୫ଟି କଳାବାଘ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ୩ଟି ଏବଂ ରାଞ୍ଚିସ୍ଥିତ ଭଗବାନ ବିର୍ସାମୁଣ୍ଡା ପ୍ରାଣୀ ସଂଗ୍ରହାଳୟରୁ ଆସିଥିବା ୨ଟି ବାଘୁଣୀକୁ ସେଠାରେ ରଖାଯିବାକୁ ବ୍ୟବସ୍ଥା କରାଯାଉଛି ବୋଲି ବନ ବିଭାଗ କହିଛି ।

# ଶ୍ରାବଣ ସୋମବାର

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଆଜି ରାଜ୍ୟର ପ୍ରମୁଖ ଶୈବପୀଠରେ ଜଳଲାଗି ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି। କଟକର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠ,  ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ, ପୁରୀର ଶ୍ରୀଲୋକନାଥ, ଭଦ୍ରକର ଆଖଣ୍ଡଳମଣି,  କୋରାପୁଟ ଗୁପ୍ତେଶ୍ୱର ଆଦି ପୀଠରେ କାଉଡିଆଙ୍କ ଭିଡ ପରିଲକ୍ଷିତ ହୋଇଛି।

**ଢେଙ୍କାନାଳ** ଜିଲ୍ଲା ପ୍ରସିଦ୍ଧ ଶୈବପୀଠ କପିଳାସରେ ୧ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଜଳଲାଗି କରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**ନୟାଗଡ଼**ର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ପୀଠରେ ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ଶିବଭକ୍ତ କାଉଡିଆମାନେ ପ୍ରଭୁ ଲଡୁକେଶଙ୍କ ମସ୍ତକରେ ଜଳ ଢ଼ାଳିଥିଲେ। ଜିଲା ପ୍ରଶାସନ ଓ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଲୋକଅଦାଲତ

ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା କେତେକ ମାମଲାର ଆପୋଷ ସମାଧାନ ଲକ୍ଷ୍ୟରେ ଆଜିଠାରୁ ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ଲୋକଅଦାଲତ ଅନୁଷ୍ଠିତ ହେଉଛି । ଏହାର ସୁଯୋଗ ନେବାକୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏହି ଲୋକଅଦାଲତରେ ମାମଲାଗୁଡ଼ିକର ଭର୍ଚୁଆଲ୍ ଶୁଣାଣି ପାଇଁ ବ୍ୟବସ୍ଥା ହୋଇଛି ।

## ପାରାଦୀପ

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସଚିବ ଟି.କେ. ରାମଚନ୍ଦ୍ରନ୍ ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ସମୟରେ ସେ ୧୩ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନିର୍ମାଣାଧିନ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଶ୍ରୀ ରାମଚନ୍ଦ୍ରନ୍ ୧୦ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଜଳ ବିଶୋଧନ ପ୍ଲାଣ୍ଟର ଶିଳାନ୍ୟାସ କରିଥିଲେ।

ଏହାସହ ପାରାଦୀପ ବନ୍ଦର ହସ୍‌ପିଟାଲର ନବନିର୍ମିତ ଟ୍ରମା ଏବଂ ବର୍ଣ୍ଣ କେୟାର କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।

## ସିଟିସ୍କାନ

**ରାୟଗଡା** ଜିଲ୍ଲାରେ  ପିପିପି ମୋଡ୍‌ରେ ସିଟିସ୍କାନ ସେବା  ଆରମ୍ଭ ହୋଇଛି। ଏହି ସେବାକୁ ଆଜି ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ ଉଦଘାଟନ କରିଛନ୍ତି। ୨୪ଘଣ୍ଟିଆ ସିଟି ସ୍କାନ୍ ପାଇଁ ଆବଶ୍ୟକ କର୍ମଚାରୀ ଯୋଗାଇ ଦିଆଯାଇଥିବା ବେଳେ ମାଗଣାରେ ରୋଗୀ ସେବା ପାଇପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି।

## ହୀରାକୁଦ

ହୀରାକୁଦ ବନ୍ଧର ଗେଟ୍ ଖୋଲାଯିବା ପରେ ତଳିଆ ଅଂଚଳରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ୨୦ଟି ଗେଟ୍ ଦେଇ ହୀରାକୁଦ ବନ୍ଧରୁ ଜଳ ନିଷ୍କାସନ ହେଉଛି। ବର୍ତ୍ତମାନ ହୀରାକୁଦ ବନ୍ଧ୍‌ର ଜଳପତ୍ତନ ୬୧୬ ଦଶମିକ ୫/୮ ଫୁଟ୍ ରହିଛି। ପ୍ରତି ସେକେଣ୍ଡକୁ ୨ ଲକ୍ଷ ୪୬ ହଜାର ୯୭୫ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୩ ଲକ୍ଷ ୪୭ ହଜାର ୭୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି ।

ଅନ୍ୟପଟେ ତଳମୁଣ୍ଡରେ ବିଭିନ୍ନ ନଦୀର ଜଳସ୍ତର ବଢ଼ିଥିଲେ ମଧ୍ଯ ବନ୍ୟା ଆଶଙ୍କା ନଥିବା ସ୍ୱତନ୍ତ୍ର ରିଲିଫ ଆୟୁକ୍ତ ସତ୍ୟବ୍ରତ ସାହୁ ସୂଚନା

ଦେଇଛନ୍ତି । ଏ ନେଇ ୯ଟି ଜିଲାର ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ପାଣିପାଗ

ଲଘୁଚାପ ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାସ୍ଥିତି ଲାଗି ରହିବ ବୋଲି  ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।  ଅନ୍ୟପକ୍ଷରେ ଗତ ୨୪ ଘଂଟା ମଧ୍ୟରେ ଜଗତସିଂହପୁର ଜିଲ୍ଲାର କୁଜଙ୍ଗରେ ସର୍ବାଧିକ ୧୧୦ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି ।

*********************************